## ପାଣି ଟାଙ୍କିରେ ବୁଡ଼ି ଶିଶୁ ପୁତ୍ରର ମୃତ୍ୟୁ

ଯାଜପୁରରୋଡ୍,୪।୮(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୫ନଂ. ୱାର୍ଡ ରମ୍ଭାସ ସାତକଣିଆ ଗ୍ରାମରେ ଏକ ଅଘଟଣ ଘଟିଛି। ପାଣି ଟାଙ୍କିରେ ବୁଡ଼ି ଜଣେ ୨ବର୍ଷ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଦୀପକ ମଲିକଙ୍କ ପୁତ୍ର ଦିବ୍ୟ ମଲିକ। ସେ ଶନିବାର ଅପରାହ୍ନରେ ଘର ପାଖରେ ଖେଳୁଥିଲେ। ଘର ନିକଟରେ ସମ୍ବିତ ପ୍ରଧାନ ନାମକ ବ୍ୟକ୍ତିଙ୍କ ଏକ ପାଣି ଭର୍ତ୍ତି ଟାଙ୍କିଥିଲା। ଉକ୍ତ ଟାଙ୍କିରେ ଦିବ୍ୟ ଅସାବଧାନତାବଶତଃ ପଡ଼ି ଯାଇଥିଲେ। ଘର ଲୋକେ ଦୀର୍ଘ ସମୟ ଖୋଜା ଖୋଜି କରିବା ପରେ ବିଳମ୍ବିତ ରାତିରେ ଟାଙ୍କିରେ ଦିବ୍ୟ ପଡ଼ିଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିବ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯାଜପୁର ରୋଡ୍ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ନଂ.୩୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ପ୍ରଶାସନିକସ୍ତରରେ ସହାୟତା ଯୋଗାଇ ଦିଆଯିବାକୁ ବ୍ୟବସ୍ଥା ହେଉଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ୫୦ ଟନ୍ ଧାନ ମୂଲ୍ୟ ପାଇଲେନି ଚାଷୀ

■ ତଦନ୍ତ, କାର୍ଯ୍ୟାନୁଷ୍ଠାନ ପାଇଁ ଆରସିଏସ୍‌ଙ୍କ ନିର୍ଦ୍ଦେଶ
■ ଚିଠିପତ୍ରରେ ସୀମିତ ବିଭାଗୀୟ ପଦକ୍ଷେପ

ଯାଜପୁର,୪।୮(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲା ପଛିକୋଟ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ) ଅଧୀନ କୋରାବନ୍ଦି ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୫୦ ଟନ୍ ଧାନ ନେଇ ପ୍ରାପ୍ୟ ନ ଦେଇ ପାକ୍ସର ନିର୍ଦ୍ଦେଶକ ଫେରାର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଚାଷୀମାନଙ୍କ ଅଭିଯୋଗ ଆଧାରରେ ଭିଜିଲାନ୍ସ ବିଭାଗ ଓ ସମବାୟ ବିଭାଗ ପକ୍ଷରୁ ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବରୁ ଡେପୁଟି ରେଜିଷ୍ଟ୍ରାର ଅଫ୍ କୋପରେଟିଭ ସୋସାଇଟି (ଡିଆରସିଏସ୍), ରେଜିଷ୍ଟ୍ରାର ଅଫ୍ କୋପରେଟିଭ ସୋସାଇଟି(ଆରସିଏସ୍) ପ୍ରମୁଖଙ୍କୁ ନିର୍ଦ୍ଦେଶ ହୋଇଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ଏପରି କି ଚାଷୀମାନେ କୋରେଇ ଥାନାଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ବି କେହି କିଛି ଶୁଣି ନାହାନ୍ତି। ଏହି କାରଣରୁ ହତୋତ୍ସାହିତ ହୋଇ ଚାଷୀ ଆତ୍ମହତ୍ୟା ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ୧।୮।୨୦୨୪ରେ ଆରସିଏସ୍ ପକ୍ଷରୁ ଯୁଗ୍ମ ନିବନ୍ଧକ ତୁରନ୍ତ ଚାଷୀମାନଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁରର ଡିଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଯାଜପୁର ଜିଲାର ଚାଷୀ ପ୍ରାୟ ପ୍ରତିବର୍ଷ ବନ୍ୟା କିମ୍ବା ମରୁଡ଼ିର ସମ୍ମୁଖୀନ ହେଉଛନ୍ତି । ଧାନ ସମେତ ପନିପରିବା ଚାଷରେ ଜିଲା ବହୁ ଆଗରେ ରହିଛି । ହେଲେ ଚାଷୀ ପ୍ରତାରଣାର ଶିକାର ହୋଇ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାପ୍ୟ ନ ପାଇବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। କୋରାବନ୍ଦୀ ଗ୍ରାମର ଚାଷୀ ଶତ୍ରୁଘ୍ନ ସେଠୀ, ଗୋବର୍ଦ୍ଧନ ସେଠୀ, ଅଭିମନ୍ୟୁ କର, ଗଦାଧର ପତି, ପ୍ରକାଶ କୁମାର ତ୍ରିପାଠୀ, ଅମର କୁମାର ମାଝୀ, ଉମାକାନ୍ତ କର, ଗୋପୀନାଥ ସେଠୀ, ଭମରବର ମାଝୀ, ବାବୁଲି ସେଠୀ, ଜଗବନ୍ଧୁ ସେଠୀ, ଅର୍ଜ୍ଜୁନ ରାଉତ, ସୁବାସ ଚନ୍ଦ୍ର ରାଉତ, କୁମ୍ଭକର୍ଣ୍ଣ କର, ଗୋବର୍ଦ୍ଧନ କର ପ୍ରମୁଖ ୨୦୨୩ ମେ ମାସରେ କରିଥିବା ଅଭିଯୋଗ ଅନୁଯାୟୀ, ପଛିକୋଟ ପାକ୍ସର ନିର୍ଦ୍ଦେଶକ ବିଚିତ୍ର ରାଉତ ୫୦ରୁ ଊର୍ଦ୍ଧ୍ୱ ଟନ ଧାନ ନେଇ ମଣ୍ଡିରେ ବିକ୍ରୀ କରି ପ୍ରାପ୍ୟ ଦେବେ ବୋଲି କହିଥିଲେ। କିନ୍ତୁ ଏଯାଏ ପ୍ରାପ୍ୟ ମିଳି ନାହିଁ। ସମସ୍ତେ ଗରିବ ଚାଷୀ। ଏହି ଧାନ ବିକ୍ରୀ ଟଙ୍କାରେ କିଏ ଝିଅ ବାହାଘର କରିବ, ରୋଗିଣା ମା'ବାପାଙ୍କ ଚିକିତ୍ସା କରିବ ବୋଲି ଅପେକ୍ଷା କରିଛନ୍ତି। ଚାଷବାସ ଆରମ୍ଭ ହୋଇଥିଲେ ହେଁ ଅର୍ଥ ଅଭାବରୁ ଜମିରେ ହଳ କିମ୍ବା ଖତ ଦେଇ ପାରି ନାହାନ୍ତି। ଅନ୍ୟବର୍ଷଗୁଡ଼ିକରେ ସେମାନେ ସୋସାଇଟିରୁ ଟୋକନ ପାଇ ଆସୁଥିଲେ। କିନ୍ତୁ ସେହି ବର୍ଷ ପଛିକୋଟ ସେବା ସମବାୟ ସମିତି ଆଉ ଟୋକନ ଦେଲା ନାହିଁ। ନିର୍ଦ୍ଦେଶକ ବିଚିତ୍ର ରାଉତ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ତାଙ୍କ ନାମରେ ଟୋକନ ଜାରି କରିବେ। ହେଲେ ସେ ଚାଷୀମାନଙ୍କ ନାମରେ ଟୋକନ ନ ଆଣି ନିଜର ଆତ୍ମୀୟଙ୍କ ନାମରେ ଟୋକନ ଜାରି କରାଇଥିଲେ। ବର୍ଷାସାରା ପରିଶ୍ରମ କରି ଅମଳ କରିଥିବା ଧାନସବୁ ସେ ନେଇ ଚାଲି ଯାଇଛନ୍ତି। ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ହୁଏତ ପରିସ୍ଥିତି ଏମିତି ହୋଇପାରେ ସେହି ଚାଷୀମାନେ ଆତ୍ମହତ୍ୟା କରି ପାରନ୍ତି ବୋଲି ଉପରୋକ୍ତ ଚାଷୀମାନେ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଅଣ୍ଡର ସେକ୍ରେଟାରୀ କୈଳାସ ଚନ୍ଦ୍ର ବେହେରା ୧୫।୭।୨୦୨୪ରେ ଆରସିଏସ୍‌ଙ୍କୁ ଏବଂ ଏହାପୂର୍ବରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଡେପୁଟୀ ସେକ୍ରେଟାରୀ ୨୪।୬।୨୦୨୪ରେ ସମବାୟ ସମିତିର ସଚିବଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନେ ଏନେଇ ପୂର୍ବରୁ ଜିଲାପାଳଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସମସ୍ତ ପ୍ରକାର ପଦକ୍ଷେପ କେବଳ ଚିଠିପତ୍ର ଆଦାନ ପ୍ରଦାନରେ ସୀମିତ ରହିଛି।

ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ୍ ବେଣୁଧର ମଲିକଙ୍କ ମତାମତ ନେବାକୁ ରବିବାର ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଏକାଧିକ ଥର ଯୋଗଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଶିଷ



@ ବିମଲ



@ ଶ୍ୟାମନାରାୟଣ



@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁ



୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

### କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ଧର୍ମଶାଳା/କାଏମା,୪।୮ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି ): ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତ ମାନପୁର ଗାଁର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ପ୍ରଶାନ୍ତ କୁମାର ଦାସ ଡ୍ୟୁଟି ସମୟରେ ଗାଡ଼ିରୁ ଖସିପଡ଼ି ଶନିବାର ମୃତ୍ୟୁବରଣ କରିଛନ୍ତି। ଏନେଇ ୧୦୮ ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ସଂସ୍ଥା ପକ୍ଷରୁ କୌଣସି ପ୍ରକାର ସହଯୋଗ କରାଯାଇନାହିଁ। ଏହାର ପ୍ରତିବାଦରେ ରବିବାର ଯାଜପୁର ଜିଲା ୧୦୮ ଆମ୍ବୁଲାନ୍ସ ଚାଳକ ସଂଘ ପକ୍ଷରୁ କର୍ମଚାରୀମାନେ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିରଠାରେ ଏକାଠି ହୋଇ ଜିଲାର ୧୦୮ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ବିରୋଧରେ ଆନ୍ଦୋଳନ କରିଛନ୍ତି। ଏଥିସହିତ ଦୁର୍ଘଟଣାରେ ମୃତ ଆମ୍ବୁଲାନ୍ସ କର୍ମଚାରୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମୃତଦେହ ରଖି ୧୬ନଂ.ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଖବର ପାଇ ଯାଜପୁର ସିଡିଏମ୍ଓ ଶିବାଶିଷ ମହାରଣା ଓ ଯାଜପୁର ରୋଡ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପହଞ୍ଚି କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସମାଧାନ ବାଟ ବାହାରି ନ ଥିଲା। ପରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଯାଜପୁର ଜିଲା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ପହଞ୍ଚି କର୍ମଚାରୀମାନଙ୍କୁ ବୁଝାସୁଝା କରିଥିଲେ। ବିଧାୟକ ସାହୁଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟରୁ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହ ସରକାରୀ ଭାବେ ମୃତକଙ୍କ ଜଣେ ପରିବାର ଲୋକକୁ ଚାକିରି ଓ ନିୟମ ଅନୁଯାୟୀ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ୧ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ରାସ୍ତା ଅବରୋଧ ହଟିଥିଲା।

ଜିଲାର ଅଧିକାଂଶ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଏକତ୍ରିତ ହୋଇ ପ୍ରତିବାଦ କରିବା ସହ ସେମାନଙ୍କ ଦାବିଗୁଡ଼ିକ ଉପରେ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ ନ କଲେ ଆଗାମୀ ଦିନରେ ରାଜ୍ୟର ୬ ହଜାର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସେବା ଠପ କରିବେ ବୋଲି ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ୧୦୮ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ସମ୍ପୃକ୍ତ ସଂସ୍ଥାର କର୍ମଚାରୀଙ୍କୁ ଗିରଫ କରିବା ସହ ମୃତ ଆମ୍ବୁଲାନ୍ସ କର୍ମଚାରୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ସଭାପତି ସୁବୋଧ ନାଥ ଶର୍ମା ଓ ରାଜ୍ୟ ମହାସଂଘର ଉପସଭାପତି ପ୍ରଦୀପ କୁମାର ଦାସ ଦାବି କରିଥିଲେ। ଏ ସମ୍ପର୍କରେ ୧୦୮ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

ପାଣିକୋଇଲି,୪।୮(ବିକାଶ ମଲ୍ଲିକ): ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ନୃସିଂହ ଚରଣ ଦଳାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ତାଙ୍କ ବାସଭବନରେ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପାଣିକୋଇଲି ବଜାରରେ ଥିବା ଟ୍ରାଫିକ ସମସ୍ୟା, ପାଣିକୋଇଲିରୁ ମଣିପୁର ମଧ୍ୟରେ ଗଳିପୋଳ ନ ଥିବାରୁ ଶର୍ମାଟାଙ୍କି ନିକଟରେ ଗଳିପୋଲ ନିର୍ମାଣ, ଅସମ୍ପୂର୍ଣ୍ଣ କୋରେଇ ଭବନର ସମ୍ପୂର୍ଣ୍ଣୀକରଣ ସମ୍ପର୍କରେ ଦାବିପତ୍ର ଦେଇଛନ୍ତି। ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ପରିଚାଳିତ ନିଶୁଳ୍କ ଶିକ୍ଷାକେନ୍ଦ୍ର ପାଇଁ ଦୁଇ ବଖରା ଗୃହ ନିର୍ମାଣ କରିବାକୁ ଦାବିପତ୍ରରେ ଦର୍ଶାଇଛନ୍ତି। ଏହି ପ୍ରତିନିଧି ଦଳରେ ମଞ୍ଚର ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଉପସଭାପତି ସତ୍ୟାନନ୍ଦ ମହାରଣା, ସଂଗଠନ ସମ୍ପାଦକ ସତ୍ୟରଞ୍ଜନ ସ୍ୱାଇଁ, ଉପଦେଷ୍ଟା ରାମଚନ୍ଦ୍ର ବେହେରା, ବରିଷ୍ଠ ସଦସ୍ୟ ନିରଞ୍ଜନ ରାଉତ, ରାମ ଚନ୍ଦ୍ର ମଲିକ ଓ ବାବାଜି ଚରଣ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଉପରୋକ୍ତ ସମସ୍ୟାଗୁଡ଼ିକ ପ୍ରତି ଧ୍ୟାନଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ସ୍କୁଲ୍ ପାଚେରି ମରାମତି ଦାବି

ରଗଡ଼ି,୪।୮ (ଯତୀଶ କୁମାର ମଲ୍ଲିକ): କୋରେଇ ବ୍ଲକ ଅଧୀନ ପଛିକୋଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାଙ୍ଗି ପଡ଼ିଥିବା ପାଚେରି ମରାମତି କରାଯାଉନାହିଁ। ଫଳରେ ବୁଲା ଗୋରୁଙ୍କ ସ୍କୁଲ ହତା ମଧ୍ୟକୁ ଅବାଧ ପ୍ରବେଶ ଚାଲିଛି। ଏହାବ୍ୟତୀତ ସ୍କୁଲର ସୁରକ୍ଷା ପ୍ରଭାବିତ ହୋଇଛି। ପଞ୍ଚାୟତ ପକ୍ଷରୁ ସାମାନ୍ୟ ଭାବେ ଏହାକୁ ମରାମତି କରାଯାଇଥିଲେ ହେଁ ପୁଣି ଭୁଶୁଡ଼ି ପଡ଼ିଛି। ଏହାର ସ୍ଥାୟୀ ମରାମତି ଉପରେ ଧ୍ୟାନ ଦିଆଯାଉ ନାହିଁ। ସ୍କୁଲ ପରିବେଶ ଓ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ପାଚେରି ମରାମତି କରିବାକୁ ଦାବି ହୋଇଛି।

## ନୂତନ ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିଞ୍ଝାରପୁର,୪।୮(ରାମକୃଷ୍ଣ ଦାସ): ବିଞ୍ଝାରପୁର ତହସିଲ ସୟଦପୁର ଅଞ୍ଚଳର ଜନସାଧାରଣଙ୍କ ବହୁ ପ୍ରତୀକ୍ଷାର ଅନ୍ତଃ ଘଟିଛି। ସୟଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ନୂତନ ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ ଏବଂ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ପହଞ୍ଚି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାର କୈଳାଶ ମହାଲିକ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ, ସ୍ଥାନୀୟ ସରପଞ୍ଚ ସେକ୍ ଏମଡି ସବୀର, ସାମାଜିକ କର୍ମୀ ଲାୟକ ଅଲି ଖାଁ, ମୋଜାହିଦ ଖାଁ ଓ ସୁଖରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।




ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ କର୍ମଚାରୀ ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

ରସୁଲପୁର,୪।୮(ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମୁଖ ଆଦିବାସୀ ବସ୍ତିର ଯୁବକ କବି ବେହେରାଙ୍କ ଶନିବାର ନଦୀରେ ବୁଡ଼ି ମୃତ୍ୟୁ ହେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରବିବାର ରସୁଲପୁର ତହସିଲ ପ୍ରଶାସନ ପକ୍ଷରୁ ମଧୁବନ ସର୍କଲର ରାଜସ୍ୱ ନିରୀକ୍ଷକ ଦେବପ୍ରସାଦ ମହାନ୍ତ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିବା ସହ ମୃତ ଯୁବକଙ୍କୁ ପରିବାର ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଛନ୍ତି। ମୃତ ବ୍ୟକ୍ତିଙ୍କ ପରିଚୟପତ୍ର, ଆଧାରକାର୍ଡ ସଂଗ୍ରହ କରିବା ସହ ଉକ୍ତ ପରିବାରର ଉତ୍ତରାଧିକାରୀଙ୍କ ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ବସ୍ତିରେ ବସବାସ କରୁଥିବା ଅନ୍ୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ମୃତ ବ୍ୟକ୍ତିଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ତାଙ୍କ ମା' ସାବି ବେହେରା ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ବୃଦ୍ଧବାପା ରୋଜଗାର ଅକ୍ଷମ ଓ ଭୂମିହୀନ ବ୍ୟକ୍ତି ହୋଇଥିବାରୁ କବିଙ୍କ ସ୍ତ୍ରୀ, ଗୋଟିଏ ଝିଅ ଓ ପୁଅର ଭବିଷ୍ୟତ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ପରିବାର ଲୋକଙ୍କ ପକ୍ଷରୁ ଦାବି ହେଉଛି।

# ଡାକ୍ତର, କର୍ମଚାରୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ବିଧାୟକ



ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅଧିକାରୀମାନେ ।

### ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା ସମୀକ୍ଷା

ଚଣ୍ଡିଖୋଲ/ବଡ଼ଚଣା,୪।୮(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି ): ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଏକ ସ୍ୱାସ୍ଥ୍ୟସେବା ସମୀକ୍ଷା ବୈଠକ ବିଧାୟକ ଅମର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିରହିଥିବା ଅଚଳାବସ୍ଥା, ଡାକ୍ତର ଓ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ପାଇ ବିଧାୟକ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ବଡ଼ଚଣାରେ ୧୫ ଡାକ୍ତର ନିଯୁକ୍ତି ପାଇଁ ନିୟମ ଥିବାବେଳେ ମାତ୍ର ୮ଜଣ ନିଯୁକ୍ତି ପାଇଛନ୍ତି, ଯାହାକୁ ନେଇ ବିଧାୟକ ଉପସ୍ଥିତ ଥିବା ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣାଙ୍କ ଉପରେ ବର୍ଷିଛନ୍ତି। ଏଥିସହିତ ତୁରନ୍ତ ଡାକ୍ତର ନିଯୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି।

ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଡା. ରଶ୍ମିରଞ୍ଜନ ପଶାୟତ ଓ ଡା. ଅଶୋକ ମିଶ୍ରଙ୍କ ମଧ୍ୟରେ ପଦବୀ ପାଇଁ ଲାଗିରହିଥିବା ବିବାଦ ଯୋଗୁ ଏଭଳି ଅବସ୍ଥା ଦେଖାଯାଉଥିବା ଅଭିଯୋଗ ପାଇବାପରେ ବିଧାୟକ ୨ ଡାକ୍ତରଙ୍କୁ ତାଗିଦ କରିବା ସହ ନିଜ ତରଫରୁ ବଦଳି ପାଇଁ ଲେଖିଦେବାକୁ ଚେତାବନୀ ଦେଇଛନ୍ତି। ଏପରି କି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସମସ୍ୟା ଶୁଣିବା ପରେ ଅଧିକାରୀଙ୍କୁ ଏହାର ପୁନରାବୃତ୍ତି ନ ହେବା ପାଇଁ ସତର୍କ କରାଇଛନ୍ତି। କେତେଜଣ ନର୍ସ ଓ କର୍ମଚାରୀ ଦୈନିକ ଆସୁ ନ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ହୋଇଥିବା ଅନିୟମିତତା ପଛରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଏହି ବୈଠକରେ ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ, ଭାଜପା ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ଦେବଯାନୀ ପ୍ରଧାନ ଓ କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟ ଅଧିକାରୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କେନାଲ ସଫେଇ କାମ ବନ୍ଦ ନେଇ ଚାଷୀଙ୍କ ଅସନ୍ତୋଷ

ବିଞ୍ଝାରପୁର,୪।୮(ରାମକୃଷ୍ଣ ଦାସ): କେନାଲ ସଫେଇ ପ୍ରତିବାଦରେ ବିଞ୍ଝାରପୁର ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷୀ ଧାରଣା ଦେବାପରେ ଅରେଇ ଗ୍ରାମ ଦେଇ ଯାଇଥିବା ୧ଏ୧ କେନାଲ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକାଦାର ରାକେଶ ସାହୁ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଶାସନ୍ଦାରୁ ଗୋପାଳପୁର ପର୍ଯ୍ୟନ୍ତ ୪ କିଲୋମିଟର କେନାଲ ସଫେଇ ପାଇଁ ଅଟକଳ ମୂଲ୍ୟ ୨ଲକ୍ଷ ୨ ହଜାର ଟଙ୍କା ରହିଥିବାବେଳେ ଠିକାଦାର ମାତ୍ର ଦୁଇ ଦିନରେ ତିନି କିଲୋମିଟର କେନାଲ ସଫେଇ କରି ମେଶିନ ଉଠାଇ ନେଇଛନ୍ତି। ଫଳରେ ଏହାକୁ ନେଇ ଅରେଇ ପୋଖରୀଆପଡ଼ା ଏବଂ ଗୋପାଳପୁର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେବେ କାମ ହେବ, କେତେ ବିଳମ୍ବରେ ପାଣି ଆସିବ, ଚାଷ କିପରି ହେବ ଏସବୁକୁ ନେଇ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ତେଣୁ ଅରେଇ ଚୌଧୁରୀ ପଡ଼ିଆଠାରୁ ଗୋପାଳପୁର ୧ କି.ମି. କେନାଲ ମେଶିନ ମାଧ୍ୟମରେ ସଫେଇ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀ ବନମାଳି ବରାଳ, ସନାତନ ଜେନା, ସୁରେନ୍ଦ୍ର ମହାପାତ୍ର, ଶ୍ରୀଧର ନାୟକ ଓ ପ୍ରଭାସ ବିଶ୍ୱାଳ ପ୍ରମୁଖ ତୁରନ୍ତ କେନାଲ ସଫେଇ କରିବା ସହ ପାଣି ଯୋଗାଇ ଦିଆଗଲେ ଚାଷକାର୍ଯ୍ୟ କରିବାରେ ସକ୍ଷମ ହୋଇପାରିବେ ବୋଲି ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ଅନ୍ୟପକ୍ଷରେ ପାଣି ଆସିବା ପୂର୍ବରୁ କେନାଲ ସଫେଇ କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

# ଡିଇଓଙ୍କ ଅନୁଧ୍ୟାନ ପରେ ପୂର୍ବ ନିର୍ଦ୍ଦେଶନାମା ରଦ୍ଦ

**ସ୍କୁଲରେ ତାଲା ପଡିବା ଘଟଣା**

**ଡେପୁଟେଶନ ଶିକ୍ଷକ କରିବେ ଶିକ୍ଷାଦାନ**

ପଟ୍ଟାମୁଣ୍ଡାଇ,୪।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା ଅଧିକାରୀ ଅଧୀନରେ ଥିବା ୬୬ ଡେପୁଟେଶନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମୂଳ ସ୍କୁଲରେ ଯୋଗଦେବାକୁ କେନ୍ଦ୍ରାପଡ଼ା ଡିଇଓ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଶିକ୍ଷକ ଅଭାବ ଥିବା ସ୍କୁଲଗୁଡିକରେ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶନାମାକୁ ବିରୋଧ କରି ବିଦ୍ୟାଳୟରେ ତାଲା ପକାଇ ଶନିବାର ଧାରଣା ଦେଇଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ଅନୁଧ୍ୟାନ କରି ଉକ୍ତ ନିର୍ଦ୍ଦେଶନାମାକୁ ବାତିଲ କରିବା ସହ ପୂର୍ବ ଡେପୁଟେଶନ ଥିବା ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ ଜାରି ରଖିବାକୁ ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇଙ୍କୁ ରବିବାର ଏସ୍‌ଏମ୍‌ଏସ୍ କରିଛନ୍ତି ବୋଲି ସେ କହିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟରତ ୬୬ଜଣ ଡେପୁଟେଶନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମୂଳ ସ୍କୁଲରେ ଯୋଗଦେବାକୁ ବୁଧବାର କେନ୍ଦ୍ରାପଡ଼ା ଡିଇଓ ନାଗଙ୍କ ପତ୍ର ସଂଖ୍ୟା ୮୧୩୯/୩୧।୭।୨୦୨୪ ଅନୁସାରେ ପଟ୍ଟାମୁଣ୍ଡାଇ ବିଇଓ ଦଳାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ୧।୮।୨୦୨୪ ପତ୍ର ସଂଖ୍ୟା ୧୪୮୦ ଅନୁସାରେ ୬୬ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଡେପୁଟେଶନ ଆଦେଶ ବାତିଲ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ, ଶନିବାର ପଟ୍ଟାମୁଣ୍ଡାଇ ଶିକ୍ଷା ମଣ୍ଡଳ ଅଧୀନ ବିଭିନ୍ନ ଅଞ୍ଚଳର ୬୩ ପ୍ରାଥମିକ ବିଦ୍ୟାଳୟର ୬୬ ଡେପୁଟେଶନ ଶିକ୍ଷକଙ୍କ କାର୍ଯ୍ୟାଦେଶ ବାତିଲ କରି ନିଯୁକ୍ତି ପାଇଥିବା ମୂଳସ୍କୁଲରେ ଯୋଗ ଦେଇଥିଲେ। ଶିକ୍ଷକ ଅଭାବ ସ୍କୁଲଗୁଡ଼ିକରେ ଅସନ୍ତୋଷ ଦେଖା ଦେଇ ଶନିବାର ପାଖାପାଖି ୧୫ଟି ସ୍କୁଲର ସ୍ଥାନୀୟ ସରପଞ୍ଚ, କଉନସିଲର ଏବଂ ସ୍କୁଲ କମିଟି ସଭ୍ୟ ଓ ଛାତ୍ରୀଛାତ୍ରମାନେ ଗେଟରେ ତାଲା ପକାଇ ଧାରଣା ଦେବା ସହ ଆଦେଶ ବାତିଲ ପାଇଁ ଦାବି କରିଥିଲେ। ଏଥିସହ ଏହା କରା ନ ଗଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବିଦ୍ୟାଳୟକୁ ବନ୍ଦ ରଖାଯିବ ବୋଲି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ଜିଲା ଶିକ୍ଷାଧିକାରୀ ନାଗ ପଟ୍ଟାମୁଣ୍ଡାଇ ବିଇଓଙ୍କୁ ସରକାରୀ ଭାବେ ମେସେଜ ଦେଇ ପୂର୍ବ ନିର୍ଦ୍ଦେଶନାମା ରଦ୍ଦ ସହ ନୂଆ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକାରୀ କରିବାକୁ କହିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଆଶିଷ



@ ବିମଳ



@ ଶ୍ୟାମନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରେଳ ଲାଇନରୁ ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

ରାଜନଗର, ୪।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁର ବିରଞ୍ଚି ନାୟକଙ୍କ ପୁଅ ବିଶ୍ୱ ରଞ୍ଜନଙ୍କ ମୃତଦେହ ହାଇଦ୍ରାବାଦର ରେଳ ଲାଇନରୁ ଜବତ କରାଯାଇଛି। ରେଳବାଇ ପୋଲିସ ସୂତ୍ରରୁ ଖବରପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇଛନ୍ତି। ବରାଡିଆ ଗାଁର ବିଶ୍ୱରଞ୍ଜନ ଆଇଟିଆଇ କରି ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ରବିବାର ସକାଳେ ରେଳବାଇ ପୋଲିସ ଟେଲିଫୋନ ଯୋଗେ ବିଶ୍ୱରଞ୍ଜନଙ୍କ ଘରକୁ ଫୋନ କରି ତାଙ୍କ ମୃତଦେହ ରେଳ ଲାଇନରୁ ମିଳିଥିବା ଜଣାଇବା ସହିତ ମୃତ ଫଟୋ ପଠାଇଥିଲେ। ଖବର ପାଇବା ପରେ ବିଶ୍ୱରଞ୍ଜନଙ୍କ ବାପା, ଦାଦା ଓ ଗାଁର ୨ଜଣ ଲୋକ ହାଇଦ୍ରାବାଦ ଯାଇଛନ୍ତି। ଅନ୍ୟପକ୍ଷରେ ବିଶ୍ୱରଞ୍ଜନଙ୍କ ମୁଣ୍ଡରେ ଅଳ୍ପ କ୍ଷତ ହୋଇଥିବା ବେଳେ ପେଟରେ ଏକ କପଡା ବନ୍ଧା ଯାଇଛି। ରେଳ ଲାଇନରେ ଦୁଇ ଗୋଡ଼ ସିଧା ହୋଇ ମୃତଦେହ ପଡ଼ିଥିବାବେଳେ ପାଖରେ ଥଣ୍ଡା ବୋତଲ ଓ ମୋବାଇଲ ଥୁଆ ହୋଇଛି। ରେଳ ଲାଇନରେ ଟ୍ରେନ ଚଢିଗଲା କେବଳ ମୁହଁରେ ଅଳ୍ପ କ୍ଷତ ହେଲା, ଏବଂ ପେଟରେ କାହିଁକି କପଡା ବନ୍ଧା ଯାଇଛି ତାହାକୁ ନେଇ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇବା ପରେ ଗାଁରେ ଶୋକାକୁଳ ପରିସ୍ଥିତି ଲାଗି ରହିଛି।

## ଶ୍ରୀବଳଦେବଜୀଉଙ୍କ ଚିତାଲାଗି ନୀତି



କେନ୍ଦ୍ରାପଡ଼ା, ୪।୮ (ଜଗନ୍ନାଥ ଧଳ)

ଚିତାଲାଗି ଅମାବାସ୍ୟା ଅବସରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଚିତାଲାଗି ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ରୀତିନୀତି ଅନୁଯାୟୀ ଦ୍ୱିପ୍ରହର ଧୂପ ପୂର୍ବରୁ ପୁରୋହିତଙ୍କ ଦ୍ୱାରା ମଣି ଦେଉଳରେ ଜଳ ସିଞ୍ଚନ ସହ କଳସ ସ୍ଥାପନ ହୋଇଥିଲା। ପରେ ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ସହ ଚିତା ଲାଗି ହୋଇଥିଲା। ବଡ଼ଭାଇ ବଳଭଦ୍ରଙ୍କୁ ୧୪ଟି ଝରାର ଚିତା, ସାନଭାଇ ଜଗନ୍ନାଥଙ୍କୁ ୧୧ ଝରାର ଚିତା ଓ ଭଉଣୀ ସୁଭଦ୍ରାଙ୍କୁ ୭ ଝରାର ଚିତା ଅର୍ପଣ ହେବା ସହିତ ବଳଭଦ୍ରଙ୍କ ସ୍ୱତନ୍ତ୍ର ବଡ଼ ଚିତା ଲାଗି ହୋଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ ଖିରି, ପିଠା ଆଦି ଅର୍ପଣ ସହ ଦ୍ୱିପ୍ରହର ଭୋଗ ଲାଗି ହୋଇଥିଲା। ପୂର୍ବାହ୍ନରେ ନିକଟସ୍ଥ ଦେବୋତ୍ତର କାର୍ଯ୍ୟାଳୟଠାରେ ସ୍ୱର୍ଣ୍ଣକାର ସେବକଙ୍କ ଦ୍ୱାରା ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀଙ୍କ ଉପସ୍ଥିତିରେ ଚିତା ସଫା ଓ ମରାମତି ହୋଇଥିଲା। ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତାଗୁଡିକ ୩ଟି ରୁପା ଥାଳିରେ ମନ୍ଦିରକୁ ନିଆଯାଇଥିଲା। ପରମ୍ପରା ଅନୁଯାୟୀ ଚିତାଗୁଡିକରେ ନୂତନ ପାଟ ଡୋରି ବନ୍ଧା ଯାଇ ଅର୍ପଣ ହୋଇଥିଲା। ଏହି ବେଶ ଦେଖିବା ପାଇଁ ପୂର୍ବାହ୍ନରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।

## ଯୁବ ସ୍ୱାଭିମାନ ଗ୍ରୁପ ପକ୍ଷରୁ ୭୦ ୟୁନିଟ ରକ୍ତ ସଂଗ୍ରହ

କେନ୍ଦ୍ରାପଡ଼ା, ୪।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ତୁଣପୁର ହାଇସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବ ସ୍ୱାଭିମାନ ଗ୍ରୁପ ପକ୍ଷରୁ ଆୟୋଜିତ ଶିବିରରେ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହାକୁ ଏଡିଏମ୍ ନିଲୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଗ୍ରୁପ ସଭାପତି ସ୍ମୃତିରଞ୍ଜନ ଜେନା ଏ ସମ୍ପର୍କରେ କହିଛନ୍ତି, ବିଭିନ୍ନ ଆବିଷ୍କାର ଓ ଉଦ୍‌ଭାବନ ମଧ୍ୟରେ କୃତ୍ରିମ ରକ୍ତ ତିଆରି ହୋଇପାରିନାହିଁ। ରକ୍ତର ଅଭାବ ବହୁ କାରଣରୁ ହେଉଛି। ଜିଲାରେ ମାସକୁ ପ୍ରାୟ ୭୦୦ ୟୁନିଟ ଆବଶ୍ୟକ ଥିବାବେଳେ ରକ୍ତ ଭଣ୍ଡାରରେ କମ୍ ୟୁନିଟ ଗଚ୍ଛିତ ରହୁଛି। ରାଷ୍ଟ୍ରୀୟ ବନ୍ଧୁତ୍ୱ ଦିବସରେ ଜିଲାର ରକ୍ତ ଅଭାବ ସମସ୍ୟା ଦୂର ପାଇଁ ଗ୍ରୁପ ପକ୍ଷରୁ ଏହି ଶିବିରର ଆୟୋଜନ ହୋଇଛି। ଗୋଟିଏ ୟୁନିଟ ରକ୍ତଦାନ ଅର୍ଥ ୩ଟି ମୂଲ୍ୟବାନ ଜୀବନ ବଞ୍ଚାଇବା ବୋଲି ସଭାପତି ଜେନା କହିଛନ୍ତି। ଡା. ବୀରେନ କୁମାର ଦାସ, ଶିକ୍ଷାବିତ୍ ଅଜୟ ସାମଲ, ସମବାୟବିତ୍ ପ୍ରମୋଦ ସାହୁ, ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ସାମାଜିକ କର୍ମୀ ଦମନ ମହାନ୍ତି ପ୍ରମୁଖ ଶିବିରରେ ପହଞ୍ଚି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହାକୁ ଅନୁଷ୍ଠାନର କର୍ମକର୍ତ୍ତା ପ୍ରତାପ ନାୟକ, ଅକ୍ଷୟ କୁମାର ପାଣି, ସୁବୁଦ୍ଧି ସାହୁ, ଆଦିକନ୍ଦ ରାଉଳ, ରମଣୀ ରଞ୍ଜନ ରାଉତରାୟ, ସନ୍ତୋଷ ବରାଳଙ୍କ ସମେତ ସଦସ୍ୟମାନେ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇରେ ଏଡିଜେ କୋର୍ଟ ଖୋଲିବା ନେଇ ବିଧାୟକଙ୍କୁ ଆଇନଜୀବୀଙ୍କ କୃତଜ୍ଞତା

ପଟ୍ଟାମୁଣ୍ଡାଇ,୪।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଓ ରାଜକନିକାବାସୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଆଳି ରାଜନଗର ଓ ରାଜକନିକାର କେନ୍ଦ୍ରସ୍ଥଳ ପଟ୍ଟାମୁଣ୍ଡାଇଠାରେ ଏଡିଜେ କୋର୍ଟ ଖୋଲିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେବ ଦାବି କରିଆସୁଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ସମର୍ଥନ ଜଣାଇ ବିଧାୟକ ଧ୍ରୁବ ସାହୁ ପୂର୍ବ ସରକାର ସମୟରେ ବିଧାନସଭାରେ ପ୍ରଶ୍ନ ଉତ୍‌ଥାପନ କରିବା ପରେ ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ଜଗନ୍ନାଥ ସାରକା ଏ ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଗୃହରେ ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ମଧ୍ୟ ବିଧାୟକଙ୍କ ସହିତ ପୂର୍ବ ସରକାରର ଆଇନମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପ୍ରତି ନବଗଠିତ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଏଡିଜେ କୋର୍ଟ ଖୋଲିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସରକାରୀ ଚିଠି ନଂ. ୧୫୩/୨୦୨୪ରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଜଣାଇଛନ୍ତି। ଏହି କୋର୍ଟ ଖୋଲିବା ଦ୍ୱାରା ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଓ ରାଜକନିକା ଅଞ୍ଚଳବାସୀ ତ୍ୱରିତ ନ୍ୟାୟ ପାଇବା ସହିତ ମକଦ୍ଦମା କରିବାକୁ ସୁଦୂର କେନ୍ଦ୍ରାପଡ଼ାକୁ ଯାଇ ଖର୍ଚ୍ଚାନ୍ତ ହେବାରୁ ରକ୍ଷା ପାଇପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଖବର ଜଣାପଡିବା ପରେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଓ ରାଜକନିକା ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଶନିବାର ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ଆଇନଜୀବୀ କ୍ଷୀରୋଦ ପ୍ରଧାନ, ସୁଶୀଲ ଦାଶ, ସୌମ୍ୟରଞ୍ଜନ ଧଳ, ରାଜେନ୍ଦ୍ର ମିଶ୍ର, ପ୍ରମୋଦ ସାହୁ, ସୁବ୍ରତ ରଥ, ଶୁଭଲକ୍ଷ୍ମୀ ସ୍ୱାଇଁ, ଅଶ୍ୱିନୀ ବେହେରା, ପୀତାମ୍ବର ପଣ୍ଡା, ଚିତ୍ତରଞ୍ଜନ ଦାଶ, ଶରତ ମଲ୍ଲିକ, ରୀତାଞ୍ଜଳି ଦାଶ ପ୍ରମୁଖ ବିଧାୟକ ସାହୁଙ୍କୁ ଭେଟି ପଟ୍ଟାମୁଣ୍ଡାଇରେ ଏଡିଜେ କୋର୍ଟ ଖୋଲିବା ନେଇ କୃତଜ୍ଞତା ଜ୍ଞାପନ କରିବା ସହ ପଟ୍ଟାମୁଣ୍ଡାଇ କୋର୍ଟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ବରୁଣା ପାକ୍ସ ସମ୍ପାଦକଙ୍କ ନାମରେ ଥାନାରେ ଏତଲା

**ଟଙ୍କା ହେରଫେର ଅଭିଯୋଗ ଆଣିଲେ ଚାଷୀ**

ରାଜକନିକା, ୪।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକ ଅସିତ କୁମାର ବେହୁରିଆ ଟଙ୍କା ହେରଫେର କରିଥିବା ନେଇ ରବିବାର ରାଜକନିକା ଥାନାରେ ୨ ଜଣ ଚାଷୀ ଲିଖିତ ଅଭିଯୋଗ କରିଛନ୍ତି। ବଳରାମପୁର ପଞ୍ଚାୟତ ସାତଘରିଆ ଗାଁର ଚାଷୀ ସୂର୍ଯ୍ୟମଣି ସାହୁଙ୍କ ଏତଲା ଅନୁଯାୟୀ, ସମ୍ପାଦକ ତାଙ୍କ ନାମରେ ଋଣ କରି ସବୁତକ ଟଙ୍କା ହଡ଼ପ କରିଛନ୍ତି। ଆକାଉଣ୍ଟ ବହି ସମ୍ପାଦକ ନିଜେ ତାଙ୍କ ପାଖରେ ରଖିଛନ୍ତି। ବାରମ୍ବାର ମାଗିବା ପରେ ଅନ୍ୟ ଏକ ଫେକ୍(ନକଲି) ବହି ଦେଇଛନ୍ତି। ଚେକ୍‌ରେ ଦସ୍ତଖତ କରାଇ ସେ ମଧ ତାଙ୍କ ପାଖରେ ରଖିଛନ୍ତି। ଋଣ ଓ ଛାଡ ଟଙ୍କା ସବୁତକ ସେ ହଡ଼ପ କରିଥିବା ନେଇ ଅଭିଯୋଗ ଆଣିଛନ୍ତି। ସେହିପରି ସାତଘରିଆ ଗାଁର ଚାଷୀ ପ୍ରିୟରଞ୍ଜନ ପରିଡା ଏତଲାରେ ଦର୍ଶାଇଛନ୍ତି, ଋଣ ଏବଂ ଛାଡ ଟଙ୍କାକୁ ତାଙ୍କ ଅଜ୍ଞାତରେ ସମ୍ପୃକ୍ତ ସମ୍ପାଦକ ହଡ଼ପ କରିନେଇଛନ୍ତି। ଏହା ଜାଣିବା ପରେ ପଚାରିବାରୁ ସେ ଆଖି ଦେଖାଉଛନ୍ତି ବୋଲି ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ସମ୍ପାଦକ ଅସିତ ଏବଂ କଟକ ସେଣ୍ଟ୍ରାଲ କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ଲି଼ର ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ର ୨ଜଣଙ୍କ ବିରୋଧରେ ୧ ଲକ୍ଷ ୫୮ ହଜାର ଟଙ୍କା ଉଠାଇ ନେଇଥିବା ନେଇ ଶନିବାର ବଳରାମପୁର ପଞ୍ଚାୟତ ପାତ୍ରୁଲି ଗାଁର ଧରଣୀଧର ନାୟକ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଅନ୍ୟ ୨ ଜଣ ଚାଷୀଙ୍କ ଲିଖିତ ଅଭିଯୋଗ ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏ ସମ୍ପର୍କରେ ସମ୍ପାଦକ ବେହୁରିଆଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ପୁରାତନ ଛାତ୍ରସଂସଦର ରକ୍ତଦାନ

ପଟ୍ଟାମୁଣ୍ଡାଇ, ୪।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ୍.ଏନ୍. ହାଇସ୍କୁଲ ୧୯୮୬ ବ୍ୟାଚ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ କେନ୍ଦ୍ରାପଡ଼ା ଏଡିଏମ୍ ନିଲୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଚିତ୍ରଶିଳ୍ପୀ ସଞ୍ଜୀବ କର, ଆଇନଜୀବୀ ହୃଦାନନ୍ଦ ମହାନ୍ତି, ସୁଶାନ୍ତ ନାୟକ, ରମେଶ ଦାଶ, ତ୍ରିଲୋଚନ ନାୟକ, ମନୋଜ ଦାଶ, ଶତ୍ରୁଘ୍ନ ସାହୁ, ଅଶ୍ୱିନୀ ମହାନ୍ତି, ପ୍ରକାଶ ସିଂହ, ଲୋକନାଥ ନାୟକ, ଦିଲୀପ ଦାଶ, ପ୍ରସନ୍ନ ପଣ୍ଡା, ଦିଲୀପ ରାଉତ, ଗୋପାଳ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏମ୍‌ଏନ୍ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ରାଉତରାୟ, ଶିକ୍ଷକ ଅଶୋକ ଦାଶ, ସରୋଜ ସ୍ୱାଇଁ, ଶଶାଙ୍କ ଶେଖର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ୨ ଗୋଷ୍ଠୀ ମୁହାଁମୁହିଁରୁ ଉତ୍ତେଜନା

**ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଖବରଦାତା ସମ୍ମିଳନୀ**

ମହାକାଳପଡ଼ା,୪।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ବାବର ବଜାରରେ ଖବରଦାତା ସମ୍ମିଳନୀକୁ ନେଇ ଉତ୍ତେଜନା ସ୍ଥଳରେ ଲୋକ ରୁଣ୍ଡ ହୋଇଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବାବର ବଜାରଠାରେ ଯୁବନେତା ସୌଭାଗ୍ୟ କୁମାର ପରିଡ଼ା ଏକ ମାମଲା ରୁଜୁକୁ ନେଇ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ଅଞ୍ଚଳର ଅନ୍ୟ ଗୋଷ୍ଠୀ ଖବରଦାତା ସମ୍ମିଳନୀ ନିକଟରେ ପହଞ୍ଚି ଏହି ସ୍ଥାନରେ କାହିଁକି ଖବରଦାତା ସମ୍ମିଳନୀ କରୁଛ ବୋଲି ଯୁକ୍ତିତର୍କ ହୋଇଥିଲା। ଏହାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁସାରେ, ସ୍ଥାନୀୟ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ୨ ସପ୍ତାହ ପୂର୍ବେ ସ୍ଥାନୀୟ ଯୁବକଙ୍କୁ ଏକ ଖଣ୍ଡାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଯୁବକ ମରଣାନ୍ତକ ଆକ୍ରମଣ ଉଦ୍ୟମ କରିଥିଲେ। ଏ ନେଇ ଥାନାରେ ନଂ.୧୨୨/୨୪ରେ ମାମଲା ରୁଜୁ ହୋଇଥିଲା। ପୋଲିସ ପକ୍ଷରୁ ସମ୍ପୃକ୍ତ ଥିବା ଯୁବକଙ୍କୁ କାହିଁକି ଗିରଫ କରୁନାହଁ ବୋଲି ଯୁବନେତା ସୌଭାଗ୍ୟ କୁମାର ପରିଡ଼ା ଏହି ଖବରଦାତା ସମ୍ମିଳନୀ କରିଥିଲେ। ଏହାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଞ୍ଚଳର କେତେଜଣ ମୁରବି ପହଞ୍ଚି ୨ ଗୋଷ୍ଠୀ ମଧ୍ୟରେ ହୋଇଥିବା ଉତ୍ତେଜନାକୁ ବୁଝାଶୁଝା କରିଥିଲେ। ଏ ସଂକ୍ରାନ୍ତରେ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କୁ ପଚାରିବାରେ ଆକ୍ରମଣ କରିଥିବା ଯୁବକଙ୍କୁ ପୋଲିସ ଖୋଜୁଛି। ଯୁବକଙ୍କୁ ଗିରଫ କରାଯିବ। ଖବରଦାତା ସମ୍ମିଳନୀରେ ୨ ଗୋଷ୍ଠୀ ପକ୍ଷରୁ ଥାନାରେ କିଛି ଲିଖିତ ଅଭିଯୋଗ ହୋଇନାହିଁ ବୋଲି ସେ କହିଛନ୍ତି।

## ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ଶିଶୁ ମହୋତ୍ସବ

ଆଳି,୪।୮ ( ବନମାଳୀ ସେନାପତି)

ଆଳି ନିଆଳିସ୍ଥିତ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ଶିଶୁ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଶିକ୍ଷୟିତ୍ରୀ ଅର୍ପିତା ରାୟଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଭଜନ, ନୃତ୍ୟ, ବକ୍ତୃତାର ଆୟୋଜନ ହୋଇଥିଲା। ଶିକ୍ଷୟିତ୍ରୀ ଶୁଭଶ୍ରୀ ଆଚାର୍ଯ୍ୟ, ସୋନାଲିସା ସାହୁ ଓ ଅଲିଭା ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଅର୍ଜୁନ ବିଶ୍ୱାଳ, ମୁଖ୍ୟ ଅତିଥି ଭାବେ ଜୟଶ୍ରୀ ପଣ୍ଡା ଓ ଅଧ୍ୟକ୍ଷା ମାନସୀ ସାହୁ ସଭାପତିତ୍ୱ କରିଥିଲେ। ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ର୍‍ୟାମ୍ପ ଶୋ’ ପରେ ଅଭିଭାବକମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ପ୍ରଶାସକ ସ୍ୱାଧୀନ ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଶିକ୍ଷୟିତ୍ରୀ ଯଶୋବନ୍ତୀ ଦାସ ଉଦ୍‌ଘୋଷକ ଦାୟିତ୍ୱ ବହନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ହୋଇ ପାରିଥିଲା।

## ଗୁପ୍ତଗିରି ମଠ ହେବ ତାଳବଣ

**ମଠ ଚତୁଃପାର୍ଶ୍ୱରେ ୩ ଶହ ତାଳମଞ୍ଜି ରୋପଣ**

ମହାକାଳପଡ଼ା,୪।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଗୁପ୍ତଗିରି ମଠରେ ପରିବେଶବିତ୍ ମାହାଳି ତାଳଚାରା ରୋପଣ କରୁଛନ୍ତି।

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପରିବେଶ ଅସନ୍ତୁଳିତ ହେବାର ଆଶଙ୍କା କରାଯାଉଛି। ପ୍ରାକୃତିକ ପରିବେଶ ସୃଷ୍ଟି କରିବା ପାଇଁ ତାଳ ଓ ହେନ୍ତାଳ ବଣର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି। ରବିବାର ଚିତାଲାଗି ଅମାବାସ୍ୟା ପୂର୍ବାହ୍ନରେ ଗୁପ୍ତଗିରି ମଠରେ ପରିବେଶବିତ୍ ମାହାଳି ୩ ଶହ ତାଳମଞ୍ଜି ରୋପଣ କରି ସମାଜ ପାଇଁ ନୂଆ ବାର୍ତ୍ତା ଦେଇଛନ୍ତି। ଏହି ପ୍ରାଚୀନ ଗୁପ୍ତଗିରି ମଠର ବହୁ ମାହାତ୍ମ୍ୟ ରହିଛି ବୋଲି ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଦିନ ଥିଲା ଶ୍ରଦ୍ଧାଳୁମାନେ ମାନସିକ କରିବା ପାଇଁ ଏହି ମଠରେ ଶରଣାପନ୍ନ ହୋଇଥାନ୍ତି। କେଉଁ ଆବହମାନ କାଳରୁ ଗୁପ୍ତଗିରି ମଠରେ ମହାପୁରୁଷଙ୍କ ଦର୍ଶନ ଲାଭ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସନ୍ତି। ବହୁ ଶ୍ରଦ୍ଧାଳୁମାନଙ୍କର ମାନସିକ ବ୍ରତ ପୂରଣ ହେଲେ ଭୋଗ ଅର୍ପଣ କରାଯିବାର ପରମ୍ପରା ରହିଛି। ମଠର ମାହାତ୍ମ୍ୟ ରହିଛି। ମହାପୁରୁଷ ଗୁପ୍ତଗିରି ନଦୀ ତଟରେ ସାଧନା କରି ଈଶ୍ୱରପ୍ରାପ୍ତ ହୋଇଥିବା କିମ୍ବଦନ୍ତୀ ରହିଛି। ତେବେ ପରିବେଶବିତ୍ ମାହାଳି ଏହି ଗୁପ୍ତକ୍ଷେତ୍ରରେ ତାଳଚାରା ରୋପଣ କରି ଅଞ୍ଚଳରେ ଦୁର୍ବିପାକରୁ ରକ୍ଷା କରିପାରିବେ ବୋଲି ପ୍ରୟାସ ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁର ପଡ଼ିଆ ଜମି, ନଦୀବନ୍ଧ ପାର୍ଶ୍ୱରେ ତାଳ ଚାରାରୋପଣ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ତାଳଗଛ ଝଡ଼ବାତ୍ୟା ହେଉ କି ବଜ୍ରପାତ ଦାଉରୁ ରକ୍ଷାକରିବ। ଏହି ଗଛ ଡେଙ୍ଗା ହୋଇଥିବାରୁ ପ୍ରଥମେ ବଜ୍ରପାତ ପହଞ୍ଚିଥାଏ। ଏହାର ଅନ୍ୟ ଏକ କାରଣ ହେଉଛି ଗଣ୍ଡିରେ ଅଧିକ ଜଳୀୟ ଅଂଶ ଥାଏ। ଫଳରେ ଏହାର ବିଦ୍ୟୁତ୍ ପ୍ରତିରୋଧ କ୍ଷମତା କମ୍ ହୋଇଥାଏ ଓ ବିଦ୍ୟୁତ୍ ସହଜରେ ଭୂଇଁକୁ ଚାଲିଯାଏ। ଫଳରେ ତାଳ ଗଛ ନିଜେ ଜଳି ଯାଇ ଅନ୍ୟମାନଙ୍କୁ ରକ୍ଷା କରିଥାଏ ବୋଲି ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି। ଆଗାମୀ ଦିନରେ ବ୍ଲକର ବିଭିନ୍ନ ଅଞ୍ଚଳର ନଦୀବନ୍ଧ, ପଡ଼ିଆ ଜମିରେ ତାଳଚାରା ରୋପଣ କରାଯିବ ବୋଲି ମାହାଳି କହିଛନ୍ତି। ଏହି ତାଳଚାରା ରୋପଣ କାର୍ଯ୍ୟକ୍ରମରେ ଅଞ୍ଚଳର ଯୁବକମାନେ ସାମିଲ ହୋଇଥିଲେ।

# ସାର କଳାବଜାର ଅଣାୟତ୍ତ

ନୟାଗଡ଼,୪।୮ (ଲୋକନାଥ ମିଶ୍ର)

■ ବସ୍ତା ପିଛା ୩୩୦ରୁ ୪୫୦ ଟଙ୍କାରେ ବିକ୍ରି
■ ସୋସାଇଟିକୁ ଯାଇ ଫେରୁଛି ଚାଷୀ
■ ମାର୍କଫେଡ୍‌ରୁ ସୋସାଇଟିକୁ ଯିବା ବାଟରେ ହେଉଛି ଗାଏବ

ନୟାଗଡ଼ ଜିଲାରେ ସାରର କଳାବଜାର ହେଉଥିବା ଅଭିଯୋଗ ହୋଇ ଆସୁଛି। ତେବେ ସାର କଳାବଜାରକୁ ରୋକିବାକୁ ପ୍ରଶାସନର ପଦକ୍ଷେପ ନ ଥିବାରୁ ଚାଷୀ ୪୫ କେଜି ସାର ବସ୍ତାକୁ ୩୩୦ରୁ ୪୫୦ ଟଙ୍କାରେ କିଣୁଛି। ମାର୍କଫେଡରୁ ସୋସାଇଟିକୁ ସାର ଯିବା ପାଇଁ ସରକାରୀ ନିୟମ ଥିବାବେଳେ ବାଟରେ ସାର ଗାଏବ ହେଇ ଯାଉଛି। ୪୫ କେଜି ୟୁରିଆ ସାର ବସ୍ତାର ସରକାରୀ ଦାମ ୨୬୬.୫୦ ଓ ୨୪୨ ଟଙ୍କା ରହିଛି। ହେଲେ ସେହି ବସ୍ତାକୁ ଚାଷୀମାନେ ଦୁଇଗୁଣା ଟଙ୍କା ଦେଇ କିଣୁଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜିଲାର ଅଧିକାଂଶ ସୋସାଇଟ୍‌କୁ ସାର ଯାଇଥିଲେ ମଧ ହାତ ଗଣତି କିଛି ସୋସାଇଟିରେ ସାର ବିକ୍ରି ହେଉଛି।

ସୂଚନା ଅନୁଯାୟୀ, ଜିଲାରେ ୧୫୭ ସୋସାଇଟି ରହିଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଜିଲାର ୭ଟି ବ୍ଲକର ୧୪୨ ସୋସାଇଟି ଥିବାବେଳେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରଣପୁର ବ୍ଲକର ୧୫ ସୋସାଇଟି ରହିଛି। ଜିଲାରେ ୪୫ ପ୍ରତିଶତ ସୋସାଇଟିକୁ ସାର ଆସିଥିବା ସୂଚନା ମିଳିଛି। ତେବେ ସାର ପାଇଁ ଅଧିକ ସଂଖ୍ୟକ ଚାଷୀ ସୋସାଇଟିକୁ ଆସୁଛନ୍ତି। କମ ସାର ଆସିଥିବାରୁ କିଛି ସୋସାଇଟି ସାର ରଖି ବି ଚାଷୀଙ୍କୁ ଦେଉ ନାହାନ୍ତି। କିଛି ସୋସାଇଟିରେ ସାର ସରକାରୀ ଦରଠାରୁ ଅଧିକ ୩୦ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଏନେଇ ଜଣେ ସୋସାଇଟି ସଭାପତି ନିଜ ନାମ ଗୋପନ ରଖି କହିଛନ୍ତି ମାର୍କଫେଡରୁ ସାର ସୋସାଇଟିକୁ ଆସବି ବାଟରେ ଗାଏବ ହୋଇ ଯାଉଛି। କେତେଜଣ କର୍ମଚାରୀ ଏହି ଦୁର୍ନୀତି କରୁଥିଲେ ହେଁ ପଦକ୍ଷେପ ନାହିଁ। ଆମ ସୋସାଇଟିରେ ସାର ରହିଥିଲେ ମଧ ଆମେ ଦେଇ ପାରୁ ନାହୁଁ। ଚାଷୀ ସାର ପାଇଁ ସବୁଦିନ ଆସୁଥିବାବେଳେ କାହାକୁ ସାର ଦେବୁ ଜାଣି ପାରୁନୁ। ସାରର ଚାହିଦା ଅଧିକ ଥିବାବେଳେ କମ ସାର ଆସିଛି। ଏଣୁ ଆମ ଚିନ୍ତା ବଢ଼ି ଯାଉଛି। ନୟାଗଡ଼ର ରାମଚନ୍ଦ୍ର ସାହୁ ନାମକ ଚାଷୀ କୁହନ୍ତି, ଇଫ୍‌କୋ ୟୁରିଆର ଭଲ ଡିମାଣ୍ଡ ରହିଛି। ଇଫ୍‌କୋ ୟୁରିଆର ୪୫ କେଜି ସାର ବସ୍ତାର ସରକାରୀ ଦାମ ୨୪୨ ଟଙ୍କା ରହିଥିବାବେଳେ ଏହାକୁ କଳାବଜାରରେ ୩୮୦ରୁ ୪୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ୫୦ କେଜି ଇଫ୍‌କୋ ସାରର ସରକାରୀ ଦାମ ୨୬୨ ଟଙ୍କା ଥିବାବେଳେ ୪୦୦ ରୁ ୪୫୦ ଟଙ୍କାରେ ବିକ୍ରି ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ। ଜଗନ୍ନାଥପ୍ରସାଦର ଚାଷୀ ଭାସ୍କର ଜେନା କୁହନ୍ତି, ଆମ ସୋସାଇଟିକୁ ସାର ଆସିନି। ଆମେ ଖୋର୍ଦ୍ଧା ଜିଲାର ମାଣିକାଗୋଡା ସୋସାଇଟିରୁ ସାର ଚୋରାରେ ୩୦୦ ଟଙ୍କାରେ କିଣୁଛି। ବାହାରେ ୩୫୦ରୁ ୪୦୦ ଟଙ୍କାରେ କିଣୁଛୁ। ମାଳିସାହିର ଚାଷୀ ଜଗୁ ମହାପାତ୍ର କୁହନ୍ତି, ଆମ ସୋସାଇଟିକୁ ସାର ଆସି ନ ଥିବାରୁ କଳାବଜାରରେ ସାର ୩୬୦ରୁ ୪୦୦ ଟଙ୍କାରେ କିଣୁଛୁ। ଚକ୍ରଧରପ୍ରସାଦର ଚାଷୀ ଅଭିମନ୍ୟୁ ଗୁମାନସିଂହ କୁହନ୍ତି, ପ୍ରତିବର୍ଷ ସାର କଳାବଜାର ହେଉଛି। ଚାଷୀ ସରକାର ଦରଠାରୁ ୧୦୦ରୁ ୧୫୦ ଟଙ୍କା ଅଧିକ ଦେଇ କିଣୁଛି। ଚଳିତ ବର୍ଷ ସେଇ ଏକା ଅବସ୍ଥା। ଏହାର ସମାଧାନ ଜରୁରୀ। ନୂଆଗାଁର ଚାଷୀ ଗୋବିନ୍ଦ ସାହୁ କୁହନ୍ତି, ଚଳିତ ବର୍ଷ ଭଲ ବର୍ଷା ହୋଇଥିବାରୁ ଅଧିକାଂଶ ଚାଷୀ ଧାନ ରୋଇଛନ୍ତି। ତେବେ ସାର ଅଭାବ ଲାଗି ରହିଥିବାରୁ ଚାଷୀ ୧୦୦ରୁ ୨୦୦ ଟଙ୍କା ଅଧିକ ଦେଇ ସାର ବାହାରୁ କିଣୁଛି। ଚାଷୀଙ୍କ ସାର ସମସ୍ୟା ନେଇ ସମସ୍ତେ ଅବଗତ ଥିଲେ ବି ସବୁ କିଛି ଠିକ୍ ଚାଲିଛି ନ୍ୟାୟରେ ଚୁପ ରହୁଛନ୍ତି। ସାର କଳାବଜାର ନେଇ ଜିଲା କୃଷି ବିଭାଗ ଅଧିକାରୀଙ୍କୁ ଅଭିଯୋଗ କଲେ ଫୋନ ଉଠାଉ ନଥିବା ଅଭିଯୋଗ ରହିଛି। ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇଙ୍କ ଫୋନ ନମ୍ବର ୮୭୬୩୦୩୪୦୨୯, ଏଆରସିଏସ୍ ପ୍ରାର୍ଥନା ପ୍ରୀୟଦର୍ଶିନୀଙ୍କ ଫୋନ୍ ନଂ.୮୧୪୪୦୭୫୪୭୯କୁ ଯୋଗାଯୋଗ କରାଯାଇଥିଲେ ମଧ କେହି ଫୋନ ଉଠାଇ ନ ଥିଲେ।



@ ଆଶିଷ


@ ବିମଳ


@ ଶ୍ୟାମନାରାୟଣ


@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିତା ଲାଗି ହେଲେ ନୀଳମାଧବ, ଗୋକୁଳାନନ୍ଦଜୀଉ


ନୀଳମାଧବ, ଗୋକୁଳାନନ୍ଦଜୀଉ।

ଖଣ୍ଡପଡ଼ା,୪।୮ (ଅଜୟ କୁମାର ମହାରଣା)

ରବିବାର ପବିତ୍ର ଚିତାଲାଗି ଅମାବାସ୍ୟା ଅବସରରେ କଣ୍ଟିଲୋ ନୀଳମାଧବଜୀଉଙ୍କୁ ସୁବର୍ଣ୍ଣର ଚିତା ଲାଗି କରାଯାଇଛି। ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଶ୍ରୀଜୀଉଙ୍କ ସକାଳଧୂପ ଶେଷ ହେବାପରେ ମନ୍ଦିରର ମୁଖ୍ୟ ପୂଜକ ସୁବର୍ଣ୍ଣର ଚିତାକୁ ଧରି ବେଢ଼ା ପରିକ୍ରମା କରିବା ପରେ ଶ୍ରୀ ଜୀଉଙ୍କୁ ସୁବର୍ଣ୍ଣର ଚିତା ଲାଗି କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ କ୍ଷୀର ଓ ଚିତଉ ପିଠା ଶ୍ରୀଜୀଉଙ୍କୁ ସମର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ମନ୍ଦିରରେ ବହୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ।

ସେହିପରି ସ୍ଥାନୀୟ ଅଞ୍ଚଳର ମହିଳାମାନେ ଘରେ ଚିତଉ ପିଠା ପ୍ରସ୍ତୁତ କରିଥିଲେ। ସେହି ପିଠା ପୂଜାର୍ଚ୍ଚନା ପରେ ନଦୀ ଗର୍ଭରେ ପକାଇଥିଲେ। ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳାସ୍ଥିତ ମଧୁକର୍ଣ୍ଣିକା ପାହାଡ଼ ଉପରେ ବିରାଜିତ ପ୍ରଭୁ ଶ୍ରୀ ଗୋକୁଳାନନ୍ଦଙ୍କ ପୀଠରେ ଚିତାଲାଗି ଅମାବାସ୍ୟା ନୀତି ପାଳିତ ହୋଇଯାଇଛି। ସମସ୍ତ ନୀତିକାନ୍ତି ଶେଷ ପରେ ପୂଜକମାନେ ବିଗ୍ରହ ରାଧାକୃଷ୍ଣଙ୍କୁ ସ୍ୱର୍ଣ୍ଣ ଚିତା ଲାଗି କରିଥିଲେ। ଏଠାରେ ଥିବା ୧୦ ଏକର ପରିମିତ ଫଳ ଉଦ୍ୟାନରେ ବିଧି ଅନୁସାରେ ଚିତଉ ପୋତା ଯାଇଥିଲା। ପରେ ନଡ଼ିଆ ଓ ଚାଉଳରେ ପ୍ରସ୍ତୁତ ହୋଇଥିବା ଚିତଉ ପିଠା ବିଗ୍ରହଙ୍କ ନିକଟରେ ଲାଗି କରାଯାଇଥିଲା। ଏହି ଅବସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରିଚାଳନା କମିଟିର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ଖଣ୍ଡପଡ଼ା ଜଗନ୍ନାଥଙ୍କ ସମେତ ବ୍ଲକ୍ ଅଧୀନ ବିଭିନ୍ନ ଦେବାଳୟ ଓ ମଠରେ ଏହି ପର୍ବ ପାରମ୍ପରିକ ରୀତିରେ ପାଳିତ ହୋଇଥିଲା।

# ଜିଲା ଏକ୍ସ-କ୍ୟାଡର ଶିକ୍ଷକ ସଂଘର ବୈଠକ

ନୟାଗଡ଼,୪।୮ (ଲୋକନାଥ ମିଶ୍ର)

**ଉମେଶ ଚନ୍ଦ୍ର ସ୍ୱାଇଁ ସଭାପତି, ପରମାନନ୍ଦ ସ୍ୱାଇଁ ସମ୍ପାଦକ**

ନୟାଗଡ଼ ଜିଲା ଏକ୍ସ-କ୍ୟାଡର ଶିକ୍ଷକ ସଂଘର ସାମ୍ବିଧାନିକ ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମେଶ ଚନ୍ଦ୍ର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆୟୋଜିତ କର୍ମକର୍ତ୍ତା ନିର୍ବାଚନରେ ଉମେଶ ଚନ୍ଦ୍ର ସ୍ୱାଇଁ ପୁଣି ଥରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପରମାନନ୍ଦ ସ୍ୱାଇଁ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସମ୍ପାଦକ ଭାବେ ବସନ୍ତ କୁମାର ପରିଡ଼ା,ଉପସଭାପତି ସନ୍ତୋଷ କୁମାର ପଣ୍ଡା, ସହସମ୍ପାଦକ କାର୍ତ୍ତିକ ଜେନା ଏବଂ କୋଷାଧ୍ୟକ୍ଷ ଭାବେ ସୁକାନ୍ତ କୁମାର ଦାସ ମନୋନୀତ ହୋଇଛନ୍ତି। ଅପରପକ୍ଷେ ଓଡ଼ଗାଁ ବ୍ଲକ ସଭାପତି ଭାବେ ଜୟକୃଷ୍ଣ ପ୍ରଧାନ,ନୟାଗଡ଼ ବ୍ଲକ ସଭାପତି ଭଗବାନ ପଣ୍ଡା,ନୂଆଗାଁ ବ୍ଲକ ସଭାପତି ପ୍ରକାଶ ସାହୁ, ଖଣ୍ଡପଡ଼ା ବ୍ଲକ ସଭାପତି ଦୀନବନ୍ଧୁ ପ୍ରଧାନ,ଭାପୁର ବ୍ଲକ ସଭାପତି ନରେନ୍ଦ୍ର ପ୍ରଧାନ,ଗଣିଆ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ଦଶପଲ୍ଲା ବ୍ଲକ ସଭାପତି ଭାବେ ତ୍ରିନାଥ ସାହୁ ଏବଂ ସଙ୍ଗଠନ ସମ୍ପାଦକ ଭାବେ ଶରତ ରାଉତ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଦେବେନ୍ଦ୍ର ଆଚାର୍ଯ୍ୟ,ଲକ୍ଷ୍ମୀଧର ପାଇକରାୟ ଏବଂ ପବିତ୍ର ପ୍ରଧାନ ରହିଥିବା ବେଳେ ବୈଠକରେ ବରିଷ୍ଠ ସଦସ୍ୟ ରବୀନ୍ଦ୍ର କୁମାର ସାହୁ,ବୈଷ୍ଣବ ମହାନ୍ତି ଏବଂ ଜଗନ୍ନାଥ ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।


ଏକ୍ସ-କ୍ୟାଡର ଶିକ୍ଷକ ସଂଘର ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# ପଥର ଯୋଗାଇବାକୁ କହି ଠକିନେଲେ ୮ଲକ୍ଷ

ବ୍ରହ୍ମପୁର, ୪।୮ (ସୁବାସ ଚନ୍ଦ୍ର ପାଢ଼ୀ)

ପଥର ଯୋଗାଇବାକୁ କହି ଏକ କମ୍ପାନୀର ୮ଲକ୍ଷ ଟଙ୍କା ଠକି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। କପିଳାସ ଇନ୍ଫ୍ରାସୋଲ ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ ପ୍ରୋଜେକ୍ଟ ଡାଇରେକ୍ଟର ଦିଲ୍ଲିପ କୁମାର ସାହୁ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କମ୍ପାନୀ ପକ୍ଷରୁ ପଥର ଯୋଗାଇବା ପାଇଁ ଆଉ ଏକ କମ୍ପାନୀର ମାଲିକଙ୍କୁ ୮ଲକ୍ଷ ଟଙ୍କା ଦେଇଥିଲେ। ସଂପୃକ୍ତ ମାଲିକ ଏ.ରଘୁନାଥପୁରରୁ ପଥର ଯୋଗାଇବାକୁ କହିଥିଲେ। ଗତ ଜାନୁଆରୀରୁ ମାର୍ଚ୍ଚ ମଧରେ ତିନିଟି ପର୍ଯ୍ୟାୟରେ ୮ଲକ୍ଷ ଟଙ୍କା ଦିଆଯାଇଥିଲା। କିନ୍ତୁ ସଂପୃକ୍ତ ମାଲିକ ପଥର ଦେଇ ନ ଥିଲେ। ଯାହାଫଳରେ ଦିଲ୍ଲୀପଙ୍କ କମ୍ପାନୀର ସାତକୋଟି ଟଙ୍କାର କ୍ଷତି ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସଦର ଥାନାରେ କେସ ନମ୍ବର ନଂ. ୨୫୬/୨୪ରେ ଏକ ମାମଲା ରୁଜୁ ହୋଇଛି।

# କୃଷକ ପରିବାରରେ ପାଳିତ ହେଲା ଚିତାଲାଗି ଅମାବାସ୍ୟା

ଖଣ୍ଡପଡ଼ା,୪।୮ (ଅଜୟ କୁମାର ମହାରଣା)


ଜମିରେ ଚିତଉ ପିଠା ପୂଜା କରାଯାଉଛି।

ରବିବାର ଚିତାଲାଗି ଅମାବାସ୍ୟା ଅବସରରେ ଖଣ୍ଡପଡ଼ାର ଚାଷୀ ପରିବାର ପକ୍ଷରୁ ଏହି ପାରମ୍ପରିକ ପର୍ବ ପାଳିତ ହୋଇଯାଇଛି। ମହିଳାମାନେ ଚିତଉ ପିଠା ପ୍ରସ୍ତୁତ କରିଥିଲେ। ସେହି ପିଠାକୁ କୃଷକମାନେ ନିଜ କ୍ଷେତକୁ ନେଇ ଧାନ ବିଲରେ ପୂଜାର୍ଚ୍ଚନା କରି ମା' ଲକ୍ଷ୍ମୀଙ୍କୁ ଆବାହନ କରିଥିଲେ। ଖଣ୍ଡପଡା ବ୍ଲକ୍ ଅଧୀନ ବଳରାମପ୍ରସାଦ ଓ ଘଣାଶାଳିଆ ଗ୍ରାମର ଚାଷୀ ଯଥାକ୍ରମେ ସନାତନ ଲେଙ୍କା ଓ ସଦାଶିବ ପ୍ରଧାନ ଜମିରେ ଚିତଉ ପିଠା ପୂଜା କରିଥିଲେ। ପ୍ରତ୍ୟେକ କୃଷକ ପରିବାର ପକ୍ଷରୁ ଗେଣ୍ଡାଙ୍କୁ ପୂଜା କରାଯାଏ। ଚାଷ ଜମିର ବନ୍ଧୁ ଭାବେ ପରିଚିତ ଗେଣ୍ଡା ଜମିରେ ଜନ୍ମ ଲାଭ କରିଥାଆନ୍ତି। ସେମାନଙ୍କ ବଂଶ ବିସ୍ତାର ହେଲେ ମାଟିକୁ ଖୋଳି ହାଲୁକା କରିଥାଆନ୍ତି ବୋଲି ପ୍ରକାଶ କରିଥିଲେ। ଏହାଛଡା ଗେଣ୍ଡାମାନେ ଜମିରେ ଥିବା ଅପକାରୀ ଶୈବାଳ, ଚକଡା ପୋକ ଆଦିକୁ ଭକ୍ଷଣ କରି ଚାଷକୁ ସୁରକ୍ଷା ଦେଇଥାଆନ୍ତି। ଏଥିପାଇଁ ପ୍ରତି ଚାଷୀ ପରିବାର ପକ୍ଷରୁ ଅରୁଆ ଚାଉଳରେ ଚିତଉ ପିଠା ଓ ଗଇଁଠା ପ୍ରସ୍ତୁତ କରାଯାଇ ଗେଣ୍ଡାଙ୍କୁ ଖାଇବା ପାଇଁ ଜମିରେ ରଖାଯାଇଥାଏ।

# ଆଇନ ସଚେତନତା ଶିବିର

ଓଡଗାଁ,୪।୮ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ଗୋଡ଼ିପଡା କଲ୍ୟାଣ ମଣ୍ଡପଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସମାଜ ମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନଚକ୍ରରେ ଓଡ଼ଗାଁ ଅତିରିକ୍ତ ଜିଲା ଦୌରାଜଜ ମାନସ ରଞ୍ଜନ ରଥ, ଓଡ଼ଗାଁ ଦେୱାନୀ (ବରିଷ୍ଠ) ବିଭାଗ ଅଦାଲତର ବିଚାରପତି ଜନ୍ମେଜୟ ଦାଶ, ଓଡ଼ଗାଁ ଗ୍ରାମ ନ୍ୟାୟାଳୟ ବିଚାବିଭାଗୀୟ ବିଚାରପତି ସୌମ୍ୟଶ୍ରୀ ମହାପାତ୍ର, ଓଡ଼ଗାଁ ବ୍ଲକ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ପ୍ରଧାନ, ଓଡ଼ଗାଁ ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ଅତିରିକ୍ତ ସରକାରୀ ଓକିଲ ଇନ୍ଦୁ ଭୂଷଣ ମିଶ୍ର, ଓଡ଼ଗାଁ ଓକିଲ ସଂଘର ଉପ ସଭାପତି ଅମୂଲ୍ୟ ପ୍ରସାଦ ପ୍ରଧାନ , ଆଇନଜୀବୀ ବସନ୍ତ କୁମାର ମହାନ୍ତି ଓ ଚିତ୍ତରଞ୍ଜନ ଦାଶ, ଗୋଡ଼ିପଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ଯୋଜନାଗୁଡ଼ିକ କିପରି ସାଧାରଣ ଲୋକ ଜାଣିପାରିବେ ଓ ତା'ର ଉପକାର ପାଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନ ଚକ୍ରରେ ସ୍ଥାନୀୟ ଅଞ୍ଚଳର ମହିଳା ଓ ବୁଦ୍ଧିଜୀବୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସତ୍ୟବାଦୀ ସାହୁ ଆଲୋଚନା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଟିଏ ଦିନରେ ୧ ହଜାର ଚାରା ରୋପଣ

ରଣପୁର,୪।୮ (ସୁକାନ୍ତ କିଶୋର ଡାକୁଆ)

**ପ୍ରବାସୀ ଭାରତୀୟଙ୍କ ଦ୍ୱାରା ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ**

ପରିବେଶ ସୁରକ୍ଷା ତଥା ସବୁଜିମା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି ଜଣେ ପ୍ରବାସୀ ଭାରତୀୟ ଛାତ୍ର। ସେ ଗୋଟିଏ ଦିନରେ ୧ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଛନ୍ତି। ଏଥିରେ ତାଙ୍କୁ ତାଙ୍କ ପରିବାର ଲୋକ ସାହାଯ୍ୟ କରିଛନ୍ତି। ନୟାଗଡ଼ ଜିଲା ରଣପୁର ବ୍ଲକ ଡମସାହି ପଞ୍ଚାୟତ ରଙ୍କଦେଉଳି ଗ୍ରାମର ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସାମିଲ ହୋଇଛନ୍ତି ତାଇୱାନରେ ରହୁଥିବା ଡା.ପ୍ରସନ୍ନ କୁମାର ସାହୁ ଓ ତାଙ୍କ ପରିବାର। ଡା.ସାହୁଙ୍କ ସ୍ତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ସାହୁ ଏବଂ ପୁଅ ପ୍ରତିଭାନ ସାଇସ୍ୱରୂପ(୧୭)ଙ୍କ ସହ ମିଶି ଗାଁରେ ୧ହଜାରରୁ ଊର୍ଦ୍ଧ୍ୱ ଚାରା ନିଜ ଖର୍ଚ୍ଚରେ ଲଗାଇଛନ୍ତି। ଆଗକୁ ଆଉ ୫ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। ଗ୍ରାମବାସୀ ଏଥିରେ ଡା. ସାହୁଙ୍କ ପରିବାରକୁ ସହଯୋଗ କରିଛନ୍ତି। ରବିବାର ଡମସାହି ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଶିକ୍ଷକମାନେ ମିଶି ଚାରା ରୋପଣ କରିଥିଲେ। ସେହିପରି ନିଜ ଗାଁ ରଙ୍କଦେଉଳିର ବିଭିନ୍ନ ସଙ୍ଗଠନ ଏବଂ ଗ୍ରାମବାସୀଙ୍କୁ ନେଇ ବିଦ୍ୟାଳୟ ପରିସର ସହିତ ଗ୍ରାମର ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଙ୍କଦେଉଳି ଗ୍ରାମର ଡା.ସାହୁ ତାଇୱାନରେ ବି ଏପରି ସାମାଜିକ କାର୍ଯ୍ୟକ୍ରମ କରି ଆସୁଛନ୍ତି। ଡା. ସାହୁଙ୍କ ପୁଅ ସାଇସ୍ୱରୂପ ତାଇୱାନର ଆଇବିଏଚ୍‌ଏସ୍ ସିନ୍ଚୁ ହାଇସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ର। ସେଠାରେ ସେ ୩ ବର୍ଷ ହେବ ଇକୋ ଗ୍ରୀନ୍ ନାମରେ ଏକ କ୍ଲବ୍ କରି ସହପାଠୀଙ୍କୁ ନେଇ ପରିବେଶ ସୁରକ୍ଷା ଏବଂ ଚାରା ରୋପଣ କାର୍ଯ୍ୟକ୍ରମ କରିଆସୁଛନ୍ତି। ଡା. ସାହୁଙ୍କ ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ଡମସାହି ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ଶିକ୍ଷକ ଘନଶ୍ୟାମ ଦଳବେହେରା, ସ୍ଥାନୀୟ ସାମାଜିକ କର୍ମୀ ସୁରେଶ କୁମାର ସାହୁ ଓ ଉଭୟ ପଞ୍ଚାୟତର ଗ୍ରାମବାସୀ ଉପସ୍ଥିତ ଥିଲେ।


ସ୍କୁଲ ପରିସରରେ ପ୍ରତିଭାନ ସାଇସ୍ୱରୂପ ଚାରାରୋପଣ କରୁଛନ୍ତି।

# ମଧୁବନ ମିନି ଷ୍ଟାଡିୟମର ପୂର୍ବ ସ୍ଥିତି ଫେରିଲା ନାହିଁ

ଖଣ୍ଡପଡ଼ା,୪।୮ (ଅଜୟ କୁମାର ମହାରଣା)



ଖଣ୍ଡପଡ଼ାସ୍ଥିତ ମଧୁବନ ମିନି ଷ୍ଟାଡିୟମର ଦୁରବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟାଡିୟମ ପଡିଆସାରା ଖାଲଖମାରେ ଭର୍ତ୍ତି ହୋଇ ରହିଥିବାରୁ ସାମାନ୍ୟ ବର୍ଷା ହେଲେ ପଡିଆରେ ପାଣି ଜମି ରହୁଛି। ଏହି ପଡିଆରେ ବର୍ଷ ତମାମ କ୍ରୀଡାବିତ୍ ମାନେ ଖେଳକୁଦ କରୁଥିଲେ। ଏହାଛଡା ବିଭିନ୍ନ ସମୟରେ ରାଜ୍ୟସ୍ତରୀୟ ଫୁଟବଲ ଓ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଥିଲା। ମାତ୍ର ମିନିଷ୍ଟାଡିୟମର ଶୋଚନୀୟ ଅବସ୍ଥାକୁ ଦେଖି କ୍ରୀଡାବିତ୍ ଓ କ୍ରୀଡାପ୍ରେମୀଙ୍କ ମଧରେ ନୈରାଶ୍ୟଭାବ ସୃଷ୍ଟି ହେଉଛି। ୨୦୨୩ ଜୁଲାଇ ୨୦ରେ ତତ୍କାଳୀନ ସଚିବ କାର୍ତ୍ତିକ ପାଣ୍ଡିଆନ ଖଣ୍ଡପଡ଼ା ଗସ୍ତରେ ଆସି ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ଏକ ବିଶାଳ ସମାବେଶରେ ଯୋଗ ଦେଇଥିଲେ। ସେହି ସମୟରେ କ୍ରୀଡାଙ୍ଗନ ପରିସରରେ ସିମେଣ୍ଟ କଂକ୍ରିଟରେ ଏକ ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯାଇଥିଲା। ଏଥିପାଇଁ ଶତାଧିକ ଗାତ ଖୋଳାଯାଇ ବ୍ୟାରିକେଡ ଓ ସାଧାରଣ ସଭା ପାଇଁ ଏକ ବିରାଟ ମଞ୍ଚ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ପଡିଆର ପୂର୍ବ ସ୍ଥିତି ଫେରାଇ ଆଣିବା ଦିଗରେ ଅଣଦେଖା କରାଯାଇଥିଲା। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ସିମେଣ୍ଟ ହେଲିପ୍ୟାଡ ଓ ବ୍ୟାରିକେଡକୁ ପ୍ରଶାସନ ହଟାଇ ଦେଇଥିଲେ ମଧ୍ୟ କ୍ରୀଡାଙ୍ଗନର ପୂର୍ବ ଅବସ୍ଥା ଫେରାଇ ଆଣିବା ଦିଗରେ ଦୃଷ୍ଟି ଦିଆଯାଇ ନ ଥିଲା। ମଧୁବନ କ୍ରୀଡାଙ୍ଗନର ଭିତ୍ତିଭୂମି ବିକାଶ ନିମନ୍ତେ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ଏ ସମ୍ପର୍କରେ ପଚାରିବାରେ ପ୍ରଶାସନ ପକ୍ଷରୁ ମଧୁବନ ମିନିଷ୍ଟାଡିୟମର ବିକାଶ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଉଭୟ ଅଧିକାରୀ କହିଛନ୍ତି।

